# Release of Commemorative Postage Stamp for 70th Anniversary of Diplomatic Relations between India and Germany

June 10, 2021

## ଭାରତ ଏବଂ ଜର୍ମାନୀ ମଧ୍ୟରେ କୂଟନୈତିକ ସମ୍ପର୍କର 70ତମ ବାର୍ଷିକୀ ଅବସରରେ ସ୍ମରଣୀୟ ଡାକ ଟିକଟ ଜାରି

ଜୁନ 10, 2021




7 ମାର୍ଚ୍ଚ 2021ରେ ଭାରତ ଏବଂ ଜର୍ମାନୀ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନାର 70ତମ ବାର୍ଷିକୀ ପାଳିତ ହୋଇଥିଲା।  ଏହାକୁ ସ୍ମରଣୀୟ କରିବା ପାଇଁ 2021-2022ରେ ଭାରତ ଏବଂ ଜର୍ମାନୀରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଏହି ଉତ୍ସବର ଏକ ଅଂଶ ଭାବରେ ଭାରତର ଡାକ ବିଭାଗ (ଡିଓପି) ଏବଂ ଜର୍ମାନୀ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଡାକ ବିଭାଗ ସ୍ମରଣୀୟ ଟିକଟ ଜାରି କରିବେ। ଭାରତୀୟ ଟିକଟକୁ ଶ୍ରୀମତୀ ଗୁଲିସ୍ତାନ ଏବଂ ଜର୍ମାନ ଟିକଟକୁ ମାଥିଆସ ୱିଟିଗ ଡିଜାଇନ୍ କରିଛନ୍ତି।

ଭାରତୀୟ ଟିକଟ ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା ଓ ଡାକ ବିଭାଗ ସଚିବ ଶ୍ରୀ ଭିନୀତ ପାଣ୍ଡେ ଏବଂ ଭାରତରେ ଜର୍ମାନୀର ରାଷ୍ଟ୍ରଦୂତ ଶ୍ରୀ ୱାଲ୍ଟର ଲିଣ୍ଡନରଙ୍କ ଦ୍ୱାରା 10 ଜୁନ 2021ରେ ଉନ୍ମୋଚିତ ହୋଇଥିଲା।

ନିଜ ବକ୍ତବ୍ୟରେ **(ଭାରତ-ଜର୍ମାନୀ ସମ୍ପର୍କର 70ତମ ବାର୍ଷିକୀ ଅବସରରେ ସ୍ମରଣୀୟ ଡାକ ଟିକଟ ଜାରିକୁ ନେଇ ବୈଦେଶିକ ସଚିବଙ୍କ ମନ୍ତବ୍ୟ)** ବୈଦେଶିକ ସଚିବ ଘନିଷ୍ଠ ରାଜନୈତିକ ଓ ଅର୍ଥନୈତିକ ସମ୍ପର୍କର ମୂଳଦୁଆ ଏବଂ ଭାରତ-ଜର୍ମାନୀ ସମ୍ପର୍କକୁ ବର୍ଦ୍ଧିତ କରୁଥିବା ଦୃଢ ଲୋକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ, ଗବେଷଣା ଓ ବିକାଶ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନର ସହଯୋଗ ଯାହାକି କୋଭିଡ-19 ମହାମାରୀ ସମୟରେ ମହତ୍ତ୍ୱପୂର୍ଣ୍ଣ ଥିଲା ବୋଲି ସେ କହିଥିଲେ।

ବହୁଧ୍ରୁବୀୟ ତଥା ନିୟମ ଆଧାରିତ ଶୃଙ୍ଖଳା ସୁନିଶ୍ଚିତ କରିବା ପାଇଁ ମହାମାରୀ ପରବର୍ତ୍ତୀ ବିଶ୍ୱରେ ଜର୍ମାନୀ ସହ ଘନିଷ୍ଠ ସହଯୋଗ ଉପରେ ବୈଦେଶିକ ସଚିବ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ 70 ବର୍ଷର କୂଟନୈତିକ ସମ୍ପର୍କର ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ଉଭୟ ଦେଶର ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ଭାରତୀୟ ଟିକଟ**




**ଜର୍ମାନ ଟିକଟ**




ନୂଆଦିଲ୍ଲୀ

ଜୁନ 10, 2021

**DISCLAIMER: This is an approximate translation. The original is available in English on MEA's website and may be referred to as the official press release.**